ମାଲକାନଗିରି (ଭାସ୍କର ନ୍ୟୁଜ):ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ଉଦେଶ୍ୟରେ ମାଓବାଦୀ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବୋମା ନିଷ୍କ୍ରିୟ କଲେ ସୁରକ୍ଷାକର୍ମୀ । ଗୁରୁବାର ଦିନ ଛତିଶଗଡର ସୁକମା ଜିଲ୍ଲା କୋଣ୍ଟା ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ଏବଂ ବଣ୍ଡା ଗ୍ରାମ ମଧ୍ୟରେ ତଲାସୀ ଅଭିଯାନ କରୁଥିବା ସିଆରପିଏଫ-୨୨୮ ବାହିନୀ ଏବଂ ଜିଲ୍ଲା ପୁଲିସର ମିଳିତ ଦଳକୁ ସୁରକ୍ଷାକର୍ମୀଙ୍କୁ କ୍ଷତି ପହଞ୍ଚାଇବା ଉଦେଶ୍ୟରେ ମାଓବାଦୀ ଦ୍ୱାରା ଏକ ଆଇଇଡି ବୋମା ଖଞ୍ଜା ଯାଇଥିବା ଖବର ମିଳିଥିଲା ଏହାକୁ ଗୁରୁତ୍ୱର ସହ ନେଇ ସୁରକ୍ଷାକର୍ମୀମାନେ ଗୋଲାପଲ୍ଲୀ ଏବଂ ବଣ୍ଡା ଗ୍ରାମ ମଧ୍ୟରେ ବୋମା ନିଷ୍କ୍ରିୟ ଦଳ ସହ ତଲାସୀ ବେଳେ ସଡ଼କର ଏକ ପୋଲ ଉପରେ ଆଇଇଡି ବୋମାର ସନ୍ଧାନ ପାଇଥିଲେ । ପରେ ସାବଧାନ ସହ ଏହାକୁ ଘଟଣାସ୍ଥଳରେରେ ସୁରକ୍ଷାକର୍ମୀ ଦଳ ବିସ୍ଫୋରଣ କରି ନିଷ୍କ୍ରିୟ କରି ଦେଇଥିଲେ ମାଓ ପ୍ରଭାବିତ ଅଞ୍ଚଳରେ ସଡ଼କ କାର୍ଯ୍ୟ ଜୋରସୋରରେ ହେଉଥିବାରୁ ଏହାକୁ ବନ୍ଦ କରିବା ପାଇଁ ମାଓବାଦୀମାନେ ଆଇଇଡି ବୋମା ଖଞ୍ଜିଥିବା ଜଣାପଡ଼ିଥିବା ବେଳେ ଆଜି ଏଠାରେ ସଡ଼କ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ବୋମା ନିଷ୍କ୍ରିୟ ପରେ ଜିଲ୍ଲା ପୋଲିସର ଏକ ଦଳ ଆଖପାଖ ଗ୍ରାମର ଲୋକଙ୍କୁ ପଚାରଉଚାରା କରୁଥିବା ବେଳେ ଡିଆରଜି, ସିଆରପିଏଫ, ବସ୍ତର ଫାଇଟର୍ସର ଯବାନମାନେ ଘଟଣାସ୍ଥଳରେ ପହଂଚି ନିକଟବର୍ତ୍ତୀ ଜଙ୍ଗଲରେ ଜୋରସୋରରେ ସର୍ଚ୍ଚ ଅପରେସନ କରୁଥିବା ଜଣାପଡିଛି ।

ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

କାର୍ଯ୍ୟକ୍ରମ, ପୁଞ୍ଜି ବ୍ୟୟ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୨(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ବିଭିନ୍ନ ବିଭାଗର ଖର୍ଚ୍ଚ ସମୀକ୍ଷା କରି ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା (୨୦୨୪-୨୫) ସମୁଦାୟ ଖର୍ଚ୍ଚ ପରିମାଣ ଅନ୍ୟୁନ ୮୫ ପ୍ରତିଶତ କରିବାକୁ ପରାମର୍ଶ ଦେଇଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷରେ ସମୁଦାୟ ଖର୍ଚ୍ଚ ପରିମାଣ ମୋଟ ବଜେଟର ୮୧ ପ୍ରତିଶତ ଥିଲା । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚଳିତ ବର୍ଷ ନିର୍ବାଚନ, ନୂଆ ସରକାରଙ୍କ ଦାୟିତ୍ୱ ଗ୍ରହଣ ଏବଂ ସଂପୂର୍ଣ୍ଣ ବଜେଟ ସେପ୍ଟେମ୍ବର ମାସରେ ହୋଇଥିବାରୁ ଖର୍ଚ୍ଚ ହେବାରେ ସମସ୍ୟା ରହିଥିଲା । ସେ ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ଅନେକ ବିଭାଗର ଖର୍ଚ୍ଚ ପରିମାଣ ସନ୍ତୋଷଜନକ ରହିଛି । ତେବେ ଆଉ ଯେଉଁ ଗୋଟିଏ ମାସ ସମୟ ରହିଲା, ତାକୁ ସଂପୂର୍ଣ୍ଣ ଉପଯୋଗ କରି ବଜେଟର ଅନ୍ୟୁନ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ ସେ କହିଥିଲେ । ମନ୍ତ୍ରୀ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବିଭାଗୀୟ ମନ୍ତ୍ରୀ ମାନେ ଯେଉଁସବୁ ଖର୍ଚ୍ଚ ପ୍ରସ୍ତାବ ଅଛି, ତାକୁ ତୁରନ୍ତ ଅନୁଧ୍ୟାନ କରି ଆବଶ୍ୟକ ଅନୁମୋଦନ କରିବା ଉଚିତ । ବିଭିନ୍ନ କଲ୍ୟାଣ ଯୋଜନାରେ ଯେଉଁସବୁ ଦେୟ ପ୍ରଦାନ ବାକି ରହିଛି, ସେଗୁଡିକୁ ମଧ୍ୟ ନିୟମାନୁଯାୟୀ ତୁରନ୍ତ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ବ୍ୟୟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ରୋଜଗାର ସୃଷ୍ଟି ହୁଏ ଓ ଅଭିବୃଦ୍ଧିରେ ଉନ୍ନତି ଆସେ। ଓଡିଶା ନିଜ ଘରୋଇ ଉତ୍ପାଦର ୬.୧ ପ୍ରତିଶତ ପୁଞ୍ଜି ବ୍ୟୟ ବରାଦ କରିଛି । ସାରା ଦେଶରେ ଏହା ସବୁଠାରୁ ଅଧିକ। ଆମର ଲକ୍ଷ୍ୟ ହେଉଛି, କୃଷିଭିତ୍ତିକ ଅର୍ଥନୀତି ସହିତ ଅନ୍ୟାନ୍ୟ କ୍ଷେତ୍ରରେ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବା। ଏଥିପାଇଁ ଭିତ୍ତିଭୂମିର ବ୍ୟାପକ ବିକାଶ ଆବଶ୍ୟକ। ତେଣୁ ଏ କ୍ଷେତ୍ରରେ ମଧ୍ୟ ବ୍ୟାପକ ବିନିଯୋଗ ହେବା ଜରୁରି। ଲୋକଙ୍କ ସରକାର, ଲୋକଙ୍କ ବଜେଟ ପ୍ରସ୍ତୁତ କରିଛି । ଏସବୁ ଲୋକଙ୍କ ପାଇଁ ଯେପରି ଖର୍ଚ୍ଚ ହେବ, ସେଥିପାଇଁ ପ୍ରଶାସନ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ। ବୈଠକରୁ ଜଣାଯାଇଥିଲା ଯେ କୃଷି, ମତ୍ସ୍ୟ ଓ ପ୍ରାଣୀସଂପଦ, ସ୍ୱାସ୍ଥ୍ୟ, ଜଳସଂପଦ, ପୂର୍ତ୍ତ, ଭିନ୍ନକ୍ଷମ ଓ ସାମାଜିକ ନ୍ୟାୟ ବିଭାଗ, ଯୋଗାଣ ବିଭାଗ ଏବଂ ସମବାୟ ବିଭାଗ ଆଦି ବିଭାଗ ଗୁଡିକର ଖର୍ଚ୍ଚ ଅପେକ୍ଷାକୃତ ଭଲ ରହିଛି । ଅନ୍ୟ ବିଭାଗ ଗୁଡିକ ମଧ୍ୟ ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ଶାସନ ସଚିବ ମାନେ ଉପସ୍ଥିତ ଥିଲେ । ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ବିଭିନ୍ନ ବିଭାଗର ଖର୍ଚ୍ଚ ସଂପର୍କରେ ଉପସ୍ଥାପନା ରଖିଥିଲେ ।

ରେଳ କର୍ମଚାରୀଙ୍କୁ ପ୍ରଶଂସା କଲେ ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ: ପ୍ରୟାଗରାଜକୁ ଦିନିକିଆ ଗସ୍ତ ସମୟରେ, କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଇଲେକ୍ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବ୍ୟକ୍ତିଗତ ଭାବେ ରେଳ ଅଧିକାରୀ ଏବଂ କର୍ମଚାରୀଙ୍କୁ ଭେଟି ମହାକୁମ୍ଭ ୨୦୨୫ରେ ସେମାନଙ୍କର ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଜାନୁଆରୀ ୧୩ରୁ ଫେବୃଆରୀ ୨୬ ମଧ୍ୟରେ ଅନୁଷ୍ଠିତ ମହାକୁମ୍ଭ ସମୟରେ ଦେଶର ସମସ୍ତ ଭାଗରୁ କୋଟି କୋଟି ଭକ୍ତଙ୍କ ସୁଗମ ଯାତ୍ରା ସୁନିଶ୍ଚିତ କରିଥିବା ରେଳ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କର ଅବଦାନକୁ ରେଳ ମନ୍ତ୍ରୀ ପ୍ରଶଂସା କରିଥିଲେ। ଏହି ଗସ୍ତ ସମୟରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରୟାଗରାଜ ଜଙ୍କସନ ରେଳ ଷ୍ଟେସନ (ଏନସିଆର), ପ୍ରୟାଗ ଜଙ୍କସନ ରେଳ ଷ୍ଟେସନ (ଏନଆର), ପ୍ରୟାଗରାଜ ରାମବାଗ ରେଳ ଷ୍ଟେସନ (ଏନଇଆର) ଏବଂ ସୁବେଦାରଗଞ୍ଜ ରେଳ ଷ୍ଟେସନ ପରିଦର୍ଶନ କରିଥିଲେ। ମହାକୁମ୍ଭ ସମୟରେ ସେବା ପ୍ରଦାନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସେ ଭେଟିଥିଲେ ଏବଂ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ରେଳ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ରେଳ ପ୍ରଶାସନ, ବେସାମରିକ ପ୍ରତିରକ୍ଷା, ସରକାରୀ ରେଳ ପୁଲିସ (ଜିଆରପି), ରେଳବାଇ ସୁରକ୍ଷା ବାହିନୀ (ଆରପିଏଫ), ଯାନ୍ତ୍ରିକ, ବୈଦ୍ୟୁତିକ ଏବଂ ଇଞ୍ଜିନିୟରିଂ ବିଭାଗର ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଭାରତୀୟ ରେଳବାଇ ପ୍ରଥମେ ଏହି କାର୍ଯ୍ୟକ୍ରମ ପାଇଁ ୧୩,୦୦୦ ଟ୍ରେନ୍ ଚଳାଇବାକୁ ଯୋଜନା କରିଥିଲା, କିନ୍ତୁ ଶେଷରେ, ଭକ୍ତମାନଙ୍କ ଯାତ୍ରାକୁ ସୁଗମ କରିବା ପାଇଁ ୧୬,୦୦୦ ରୁ ଅଧିକ ଟ୍ରେନ୍ ପରିଚାଳିତ ହୋଇଥିଲା। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ରେଳବାଇ ମହାକୁମ୍ଭ ସମୟରେ ପ୍ରାୟ ୪.୫ ରୁ ୬ କୋଟି ଭକ୍ତଙ୍କୁ ପ୍ରୟାଗରାଜକୁ ଏବଂ ସେଠାରୁ ସଫଳତାର ସହ ପରିବହନ କରିଛି। କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଥିଲେ ଯେ ୨୧ରୁ ଅଧିକ ଫ୍ଲାଇଓଭର, ଅଣ୍ଡରପାସ ଏବଂ ସେତୁ ନିର୍ମାଣ ପାଇଁ ୫ହଜାର କୋଟି ଟଙ୍କା ନିବେଶ ସହିତ ମହାକୁମ୍ଭ ପାଇଁ ପ୍ରସ୍ତୁତି ଅଢ଼େଇ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା। ସେ ଗୁରୁତ୍ୱାରୋପ କରି କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରୟାଗରାଜରେ ମହାକୁମ୍ଭ ଆୟୋଜନ ବିଶ୍ୱ ସମ୍ମୁଖରେ ଭାରତର ଏକତା ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରିଛି। ସେ ଆହୁରି ମଧ୍ୟ କହିଥିଲେ, ମହାକୁମ୍ଭ ହେଉଛି ଦେଶର ବିଶ୍ୱାସ ଏବଂ ଏକତାର ପ୍ରତୀକ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ସମସ୍ତ ବିଭାଗର ମିଳିତ ପ୍ରୟାସକୁ ମଧ୍ୟ କେନ୍ଦ୍ର ମନ୍ତ୍ରୀ ପ୍ରଶଂସା କରିଥିଲେ।

PARADIP PORT AUTHORITY
HARBOUR WORKS DIVISION No.I,
e-TENDER CALL NOTICE
e-TCN No.CE/HWDI/ACCTS-14/24/71, dtd.24.02.2025
Name of the work: "Cleaning of debrises from Roads, berms, backup space & disposal of dredged materials from Port area i.e from Gate No.4 area to MPB junction, MPB Junction to NQ-I via CQ, SQ and EQ area, connecting Road from T-Junction to New IOB in IOHP area and 3-B road (4 lane) leading from IOHP to Wagon Tippler (one year)". Put to tender value: Rs.1,20,11,010.00 plus GST as applicable. Last date & time of submission of tender through online bidding is 18.03.2025 up to 17:15 Hrs. For details, please log on to the Website: https://eprocure.gov.in/eprocure/app.
Sd/- Executive Engineer, Horbour Works Division NO.I, Paradip Port Authority
PPA/PR/66/2024-2025 dtd.27.02.2025

AFFIDAVIT
By virtue of an affidavit sworn before in the court of the Executive Magistrate, Jagatsinghpur on dated 20.02.2025, I Santilata Das, resident of village- Ohal, Po/PS/Dist-Jagatsinghpur declares that I have changed my name from Shantilata Das to Santilata Das. Henceforth I shall be known as Santilata Das for all purposes.
Sd/- Santilata Das

ଲିଙ୍ଗରାଜଙ୍କ ଆହତ ସେବକଙ୍କୁ ଭେଟିଲେ ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ମହାଦୀପ ଧରି ମନ୍ଦିର ଉପରକୁ ଚଢୁଥିବା ବେଳେ ତଳେ ଖସିପଡ଼ି ଗୁରୁତର ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସେବାୟତ ଯୋଗେନ୍ଦ୍ର ସମର୍ଥାଙ୍କୁ ଆଜି ପିସିସି ସଭାପତି ଭକ୍ତଚରଣ ଦାସ କ୍ୟାପିଟାଲ ହସପିଟାଲରେ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଏଭଳି ଅଘଟଣ ଘଟିବା ଦୁଃଖଦାୟକ। ଭୁବନେଶ୍ୱରର ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ବିଶ୍ୱବିଖ୍ୟାତ ଏଣୁ ମୁଖ୍ୟମନ୍ତ୍ରୀ ନିଜେ ଏହି ଘଟଣାର ଗୁରୁତ୍ୱ ଉପଲବ୍ଧି କରି ତୁରନ୍ତ ତଦନ୍ତ କରିବା ଆବଶ୍ୟକ। ପୁରୀ ରଥଯାତ୍ରାରେ ପ୍ରଭୁ ବଳଭଦ୍ର ପଡ଼ିଯାଇଥିଲେ। ମାତ୍ର ସରକାର ସେ ଉପରେ କ'ଣ ତଦନ୍ତ କଲେ ତାହା ଏପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ଲିଙ୍ଗରାଜଙ୍କ ସେବକ ଯୋଗେନ୍ଦ୍ର ବାବୁ ୩୦ ବର୍ଷ ଧରି ଏହି କାର୍ଯ୍ୟ କରୁଥିଲେ। ମାତ୍ର କ'ଣ ଅବ୍ୟବସ୍ଥା ହେଲା ଯାହା ଫଳରେ ସେ ପଡ଼ିଗଲେ। ଅଭିଯୋଗ ହେଉଛି ଯେ ସେ ଯେଉଁ ଶିଢ଼ିରେ ଯାଉଥିଲେ ସେ ଶିଢ଼ିରେ ବାଲି ଦିଆଯାଏ, ଯାହାଫଳରେ ତେଲ ଲାଗିଲେ ମଧ୍ୟ ଖସୁ ନଥିଲା। ମାତ୍ର ଏଥର ବାଲି ଦିଆଯାଇ ନାହିଁ। ଜଣେ ସେବାୟତ ଏହି କାର୍ଯ୍ୟ କରୁଥିବା ବେଳେ କିପରି ସୁରକ୍ଷିତ ରହିବେ ସେଥିପ୍ରତି ସରକାର ଧ୍ୟାନ ଦେବା ଉଚିତ। ସୁତରାଂ ଏହି ତ୍ରୁଟି ପାଇଁ ସରକାର ଦାୟୀ ଏବଂ ଆହତ ଯୋଗେନ୍ଦ୍ର ସମର୍ଥାଙ୍କୁ ସରକାର କ୍ଷତିପୂରଣ ବାବଦକୁ ଅର୍ଥ ବ୍ୟବସ୍ଥା କରନ୍ତୁ। ଆମ ପକ୍ଷରେ ଯାହା ସମ୍ଭବ ତାହା ଆମେ ସହଯୋଗ କରିବୁ। ଶ୍ରୀ ଦାସ ସମର୍ଥାଙ୍କ ପରିବାରବର୍ଗଙ୍କୁ ମଧ୍ୟ ଦୁଃଖ ଜଣାଇଛନ୍ତି। ଏତଦ୍‌ଭିନ୍ନ ଠେଲାପେଲାରେ ମଧ୍ୟ ୫ ଜଣ ଅଚେତ୍ ହୋଇଥିଲେ। ଏଥିରୁ ସ୍ପଷ୍ଟ ହୋଇଛି ଯେ ପ୍ରଶାସନ ପକ୍ଷରୁ ଠିକ୍ ଭାବେ ପରିଚାଳନା କରାଯାଇନାହିଁ। ସରକାର ସଠିକ୍ ଭାବେ ଯତ୍ନବାନ ହୋଇନାହାନ୍ତି। ଉଭୟ ପୁରୀ ରଥଯାତ୍ରା ସମୟରେ ପ୍ରଭୁ ବଳଦେବ ପଡ଼ିଯିବା ଘଟଣା ଏବଂ ଗତକାଲି ଲିଙ୍ଗରାଜଙ୍କ ସେବକ ମନ୍ଦିରରୁ ପଡ଼ିଯିବା ଘଟଣା ସଂପର୍କରେ ଶ୍ୱେତପତ୍ର ପ୍ରକାଶ କରିବାରୁ ଶ୍ରୀ ଦାସ ଦାବି କରିଛନ୍ତି। ବିଜେପି ଧର୍ମକୁ ନେଇ ରାଜନୀତି କରେ ଏବଂ ଠାକୁରଙ୍କ ନାମ ନେଇ ଭୋଟ ଭିକ୍ଷା କରେ। ମାତ୍ର ବାସ୍ତବ କ୍ଷେତ୍ରରେ ଯାହା ପରିଦୃଷ୍ଟ ହୋଇଛି ଠାକୁରଙ୍କ ସେବା ଓ ନିତିକାନ୍ତିରେ ଯେଉଁ ବିଭ୍ରାଟ ହୋଇଛି ସେଥିପ୍ରତି ବିଜେପି ସରକାର ଆଦୌ ଯତ୍ନବାନ ନୁହଁନ୍ତି। ପିସିସି ସଭାପତିଙ୍କ ସହ ଏହି ସାକ୍ଷାତରେ ପୂର୍ବତନମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋ, ମାନସ ଚୌଧୁରୀ, ୟାସିର ନଓ୍ୱାଜ, ରଞ୍ଜିତ ପାତ୍ର, ମହମ୍ମଦ ଇନ୍‌ଦାଜ, ମନୋଜ ବିଶ୍ୱାଳ, ସୁଧାଂସୁ ଶେଖର ଦେଓ, ଇଂ ସିଦ୍ଧାର୍ଥସ୍ୱରୂପ ଦାସ, ରଜନୀ ମହାନ୍ତି, ମହମ୍ମଦ ପରଭେଜ, ସୁଶାନ୍ତ ତ୍ରୀପାଠୀ,ଅମରେଶ ପରିଡ଼ା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ସୋଆ ଉପକୁଳପତିଙ୍କୁ ଡ. ଏପିଜେ ଅବ୍‌ଦୁଲ କାଲାମ ସମ୍ମାନ ପ୍ରଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର (ଡ) ନୀତା ମହାନ୍ତିଙ୍କୁ ନିକଟରେ ମୁଖ ଗହ୍ୱର ସ୍ୱାସ୍ଥ୍ୟ, ନୂତନତ୍ୱ ପ୍ରବର୍ତ୍ତନ ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍ ପକ୍ଷରୁ ଡ. ଏପିଜେ. ଅବ୍‌ଦୁଲ କାଲାମ ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀ ଠାରେ ଫେବୃଆରୀ ୧୫ ଓ ୧୬ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖଗହ୍ୱର ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରଫେସର (ଡ.) ମହାନ୍ତି ଓ ଅନ୍ୟ ୧୨ ଜଣ ଗବେଷକଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର (ଡ) ମହାନ୍ତି ମଧ୍ୟ ଏହି ଅବସରରେ ଆୟୋଜିତ ଏକ କର୍ମଶାଳାରେ ବକ୍ତୃତା ଦେଇଥିଲେ ଓ ଏକ ପ୍ୟାନେଲ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଦନ୍ତ ଚିକିତ୍ସକ ଓ ସାଂସଦ ଡ. ରାଜେଶ ମିଶ୍ର ଯୋଗ ଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମଟି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆଇସିଏମ୍‌ଆର, ଡବ୍ଲ୍ୟୁଏଚ୍‌ଓ, ବାୟୋଟେକ୍ନୋଲଜି ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିଷ୍ଟାନ୍‌ସ କାଉନ୍‌ସିଲ୍, ଡିବିଟି, ଡିଏସ୍‌ଟି, ସିଏସ୍‌ଆଇଆର, ଡିଆରଡିଓ, ଫେଡେରେସନ୍ ଡେଂଟାୟାର ଇଣ୍ଟରନ୍ୟାସ୍‌ନାଲ, ଇଣ୍ଟରନ୍ୟାସ୍‌ନାଲ ଆସୋସିଏସନ୍ ଫର ଡେଂଟାଲ ରିସର୍ଚ୍ଚ, ହେଲ୍‌ଥକେୟାର ଇନ୍‌କ୍ୟୁବେସନ୍ ସେଂଟର୍ସ ତଥା ଓରାଲ୍ ହେଲ୍‌ଥ ଟ୍ରେଡ ଆଣ୍ଡ ଫାର୍ମା ଇଣ୍ଡଷ୍ଟ୍ରି ସହାୟତାରେ ଆୟୋଜିତ ହୋଇଥିଲା।

ଦ.ପୂ. ରେଳପଥ-ଟେଣ୍ଡର
ଆଇଆରଇପିଏସ ଟେଣ୍ଡର ନଂ. ଟିଆରଏସ-ଆରଓୟୁ-୦୪-୨୦୨୫। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ପକ୍ଷରୁ ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଏହି ଟେଣ୍ଡର ବିପକ୍ଷରେ ମାନୁଆଲ୍ ପ୍ରସ୍ତାବ ଅନୁମତିପ୍ରାପ୍ତ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ। କାର୍ଯ୍ୟର ନାମ: ଇଏଲଏସ/ରାଉରକେଲାରେ ସ୍ଥାପିତ ୫୦୦ କେବିଏ ଡିଜି ସେଟ (୦୨ ସଂଖ୍ୟକ) ପ୍ରସ୍ତୁତକାରକ-କମିନ୍ସ, ମଡ଼େଲ ନଂ.କେଟିଏଏ ୧୯-ଜୀ ୧୦ର ବାର୍ଷିକ ରକ୍ଷଣାବେକ୍ଷଣର ଚୁକ୍ତି। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ.୩,୫୭,୭୭୫.୨୦। ସର୍ବଶ୍ରେଷ୍ଠ ଟଙ୍କା ଜମା: ଟ.୭,୨୦୦। ଟେଣ୍ଡର ସମାପ୍ତିର ତାରିଖ ଏବଂ ସମୟ: ୨୮.୦୩.୨୦୨୫ର ୧୧:୦୦ ଘଣ୍ଟା ପର୍ଯ୍ୟନ୍ତ। ୱେବସାଇଟର ବିବରଣୀ : https://www.ireps.gov.in। ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ଉପରୋକ୍ତ ୱେବସାଇଟରେ ଉପଲବ୍ଧ ହେବ।
(PR-1187)

ହରିଣ ଉଦ୍ଧାର

ଗୋପ (ଭାସ୍କର ନ୍ୟୁଜ) : ଗୁରୁବାର ପୂର୍ବାହ୍ନରେ ଗୋପ ଥାନା ଅଧିନ ଜମରା ଗ୍ରାମରୁ ଏକ ହରିଣକୁ ଗୋପ ବନ ବିଭାଗ ଉଦ୍ଧାର କରିଛି। ଏବେ ଖରା ଆରମ୍ଭରୁ କୋଣାର୍କ-ପୁରୀ ବାଲୁଖଣ୍ଡରେ ଥିବା ବୁଆ ମାନଙ୍କରୁ ପାଣି ଶୁଖିଯାଇଥିବାରୁ ଖାଦ୍ୟ ଓ ପାନୀୟ ଜଳର ଅଭାବରୁ ହରିଣମାନେ